23 YEARS
ସମ୍ବାଦ କଳିକା

# ଚେତନାର ଉଦୟ

ଆମେ ସବୁ ଜୀବଜନ୍ତୁ କର୍ମପଥର ଯାତ୍ରୀ । ଅନେକ ଜନ୍ମ ହେଲା ଆମେ ଯାତ୍ରା କରିଆସୁଛୁ । ଆଜି ମଧ୍ୟ କରୁଛେ । କିନ୍ତୁ ସମସ୍ତ ପୁରୁଣା ଦୁଃଖ ବିସ୍ମୃତ ହୋଇଯାଏ । ଆମେ ଭୁଲିଯାଇଥାଇପାରୁ । ସେ ସବୁକିଛି କୌଣସି ଜନ୍ମରେ ମନେ ରହେନାହିଁ । ଏ ସମଗ୍ର ସଂସାର ମାୟାର ବଗିଚା । ମହାମାୟାଙ୍କ ସ୍ୱରୂପ ମୋହିନୀର ଜ୍ଞାନୀ ଋଷି–ମୁନି ଏହାର ମିଥ୍ୟା ଚାକଚକ୍ୟକୁ ତୁରନ୍ତ ବୁଝିନେଇଥାନ୍ତି ଓ ଜାଣିନେଇଥାନ୍ତି । ସେଇଥି ପାଇଁ ସେମାନେ ସଜାଗ ହୋଇଯାଆନ୍ତି । ସେମାନେ ଜାଣନ୍ତି ଯେ, ଏହିଯେ ଭୌତିକ ବିଳାସପୂର୍ଣ୍ଣ ବସ୍ତୁ ଅଛି ବା ପରିବେଶ ରହିଛି ଏହା ସ୍ଥାୟୀ ରୂପରେ ସୁଖ ପ୍ରଦାନ କରିପାରିବ ନାହିଁ । ପ୍ରକୃତ ସୁଖ ପରମାତ୍ମାଙ୍କ ଅନୁଭୂତିରେ ହିଁ ଅଛି । ପରମାତ୍ମା ଶାଶ୍ୱତ ଓ ସୁଖର ସ୍ଥାୟୀ ସ୍ରୋତ । ପରମାତ୍ମା ଚେତନା ପ୍ରଦାନ କରନ୍ତି । ଏହା ଚେତନା, ଯାହାକି ଶରୀରରୂପୀ ମନ୍ଦିରରେ ଜୀବନ ସଂଚାରଣ କରିଥାଏ । ଆମ ଶରୀରରେ ଏକ ଅଦ୍ଭୁତ ବ୍ୟବସ୍ଥା ରହିଛି । ଏହି ଦେବ ଶରୀରରେ ସମସ୍ତ ବିରାଟ ସମାହିତ ହୋଇଛି । ତାହା ଯେତେ ଭୌତିକ ତା ଠାରୁ ଆହୁରି ଗଭୀର ଏହାର ସୁକ୍ଷ୍ମ ଜଗତ । ସୁକ୍ଷ୍ମ ଜଗତଠାରୁ ମଧ୍ୟ ଅଧିକ ଗଭୀର ହେଉଛି କାରଣ ଜଗତ । ଜଣାନାହିଁ କେତେ ଯେ କେନ୍ଦ୍ର, କେତେ ଯେ ଦ୍ୱାର କେତେ ଯେ ନଦୀ ସୁକ୍ଷ୍ମ ରୂପରେ ଏଥିରେ ରହିଛି । ଏହି ଶରୀର ଅନ୍ତର୍ଜଗତରେ ଏଭଳି ଅନେକ ନଦୀ ରହିଛି ଓ ଅନେକ ଏଭଳି କୁଣ୍ଡ ରହିଛି ଯାହା ଅମୃତ ଲୁଚାଇ ରଖିଥାଏ । ଏହା ସତ୍ତ୍ୱେ ଏହି ଜୀବନ ଜୀବନ ନୁହେଁ । ଯଦି ଏହାକୁ ପରମାତ୍ମାଙ୍କ କୃପା ନମିଳେ । ଯଦି ଆମେ ଚୈତନ୍ୟ, ଜାଗ୍ରତ ହୋଇଛେ, ତେବେ ଆମେ ଅନୁଭବ କରିପାରିବା ଯେ, ଆମ ମଧ୍ୟରେ ଦିବ୍ୟତା ରହିଛି । ଅନ୍ତର୍ମୁଖି ହୋଇ ଆମେ ଜାଣିପାରିବା ଯେ, ଅନ୍ତସର ଏକ ମାର୍ଗ ରହିଛି, ଏକ ବିଶ୍ୱାସ ରହିଛି, ଏକ ନୂଆ ଅଧ୍ୟାୟ ଖୋଲାଯାଇ ଥାଏ । ଏଇଥି ପାଇଁ ଆମେ ବର୍ତ୍ତମାନ ହିଁ ସଚେତନ ହେବାକୁ ପଡିବ ଓ ଆମ ଭିତରେ ଲୁଚି ରହିଥିବା ସମ୍ଭାବିତ ଶକ୍ତିକୁ ଜାଗ୍ରତ କରିବାକୁ ହେବ । ଆମ ଭିତରେ ପ୍ରବାହ ରହିଛି । ଶକ୍ତିଧାରାର ପ୍ରବାହ ଯାହାକି ସେହି କେନ୍ଦ୍ର ପର୍ଯ୍ୟନ୍ତ ପହଞ୍ଚି ପାରେ ନାହିଁ । ଆମେ ଏହାକୁ ଅଟକାଇ ରଖିଛୁ । ପ୍ରକାଶବିନ୍ଦୁ କେବେ ଠାରୁ ପ୍ରକାଶିତ ହେବାକୁ ଚାହୁଁଛି । କିନ୍ତୁ ଆମେ ଏହାକୁ ଅଟକାଇ ରଖିଛୁ । ମନେ ରଖିବାକୁ ହେବ ଯେ, ବଲ୍‌ବ କେବଳ ଗୋଟିଏ ତାର ଯୋଡିବା ଦ୍ୱାରା ଜଳେ ନାହିଁ । ଆମେ ଆମର ଅର୍ନ୍ତମନର ଜୀବନଧାରାକୁ ଗତି ଦେଇ ଯୋଗାଇବାକୁ ହେବ ଓ ବାହ୍ୟ ବ୍ୟକ୍ତିତ୍ୱକୁ ଶକ୍ତ କରିବାକୁ ହେବ । ବାହାର ଏବଂ ଭିତରେ ଉଭୟ ସ୍ଥାନରେ ଜୀବନ ଶକ୍ତିକୁ ସେହି ପର୍ଯ୍ୟନ୍ତ ନେଇଯିବାକୁ ହେବ । ତୃତୀୟ ଚକ୍ଷୁ ଖୋଲିଯିବ । ଯେପର୍ଯ୍ୟନ୍ତ ଉଭୟ ତାରକୁ ଆମେ ଯୋଡିବା ନାହିଁ ସେପର୍ଯ୍ୟନ୍ତ ବଲ୍‌ବ ଜଳିବ ନାହିଁ । ଯେତେବେଳେ ଗୋଟିଏ ଥର ଆପଣଙ୍କ ଆନ୍ତରିକ ଚେତନା ବଲ୍‌ବ ଭଳି ପ୍ରକାଶିତ ହୋଇଯାଏ ତେବେ ବୁଝିବାକୁ ହେବ ଯେ, ଆପଣଙ୍କ ଜୀବନର କାୟାକଳ୍ପ ହୋଇଗଲା ବୋଲି । ଏହି କାୟାକଳ୍ପ ପରେ ଆମେ ନକାରାତ୍ମକ ବିକାରରୁ ମୁକ୍ତ ହୋଇଯିବା ।

ଧ୍ୟାନ, ଚେତନା ଓ ମନର ଏକ ପ୍ରକ୍ରିୟା ରହିଛି । ଯେଉଁଥିରେ ବ୍ୟକ୍ତି ନିଜର ଚେତନାକୁ ବାହ୍ୟଜଗତର କୌଣସି ଚୟନିତ କରାଯାଇଥିବା ବିଷୟ ଉପରେ କେନ୍ଦ୍ରୀତ କରିଥାଏ । ଭାରତୀୟ ଦର୍ଶନରେ ଧ୍ୟାନ, ସଂସାରରୁ ମୁକ୍ତି ଆଡକୁ ନେଇଯାଉଥିବା ଏକ ଚେତନ । ଧ୍ୟାନରେ ବ୍ୟକ୍ତିର ଇନ୍ଦ୍ରିୟ ତାର ମନ ସହିତ, ତାର ମନ ତାର ବୁଦ୍ଧି ସହିତ ଆତ୍ମାରେ ଲୀନ ହେବାକୁ ଲାଗିଥାଏ । ଧ୍ୟାନ ଦ୍ୱାରା ଜୀବନରେ ଦିବ୍ୟତା ଆସିଥାଏ ଯେ, ଯେତେବେଳେ ବ୍ୟକ୍ତି ଏହି ଦିବ୍ୟତାର ମଧ୍ୟ ଅନୁଭବ କରିନେଇଥାଏ ସେତେବେଳେ ସମଗ୍ର ସୃଷ୍ଟି ତାକୁ ସୁନ୍ଦର ପ୍ରତିତ ହୋଇଥାଏ । ଧ୍ୟାନ ଦ୍ୱାରା ବ୍ୟକ୍ତି ଜୀବନର ସମସ୍ତ ଖରାପରୁ ଉପରକୁ ଉଠିଯାଇଥାଏ ଏବଂ ଏହି ସଂସାରକୁ ସୁନ୍ଦର କରିବା କାର୍ଯ୍ୟରେ ସମର୍ପିତ ହୋଇଯାଇଥାଏ । ଧ୍ୟାନର ମଣିଷ ଜୀବନ ସହିତ ଅନେକ ଗୁରୁତ୍ୱ ରହିଛି । ଧ୍ୟାନ ବ୍ୟକ୍ତିକୁ ଏଭଳି କାମ ଆଡକୁ ନେଇଯିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ ଯେଉଁଥିରେ କି ତାକୁ ଲୋକେ ଖରାପ ଦିଶୁଥିବେ ଦେଖିଲେ । ଏଇଥି ପାଇଁ ଯେତେବେଳେ ବି ଯେଉଁଠି ବି ଯାହା ସୁଯୋଗ ମିଳିବ ମନୁଷ୍ୟକୁ ଧ୍ୟାନ କରିବା ଆବଶ୍ୟକ । ମହାତ୍ମା ବୁଦ୍ଧ ଜାଣିଥିଲେ ଯେ, ମନୁଷ୍ୟର ମନ ସବୁଠାରୁ ବଡ ପ୍ରହେଳୀ । ଏଇଥି ପାଇଁ ସେ ତାଙ୍କର ପ୍ରବଚନ ଓ ଜୀବନର ମାଧ୍ୟମରେ ବ୍ୟକ୍ତିକୁ ପ୍ରତ୍ୟେକ ପରିସ୍ଥିତିରେ ମଧ୍ୟମ ମାର୍ଗ ଆପଣେଇ ସଚେତନ ରହିବାକୁ ସୁବିଧା ଦେଇଛନ୍ତି । ଶରୀର ଓ ମନ ପ୍ରତି ସତର୍କ ରହିବା ଦ୍ୱାରା ହିଁ ଦୁଃଖରୁ ରକ୍ଷା ମିଳିଥାଏ । ଶାନ୍ତି ଓ ନିର୍ବାଣର ଏହା ଏକ ମାତ୍ର ମାର୍ଗ । ସାଂସାରିକ ଗତିବିଧିରେ ଶାରୀରିକ ରୂପେ ଉପସ୍ଥିତି ରହି ମଧ୍ୟ ବ୍ୟକ୍ତିଗତ ଭାବନାର କେନ୍ଦ୍ର ଯଦି ସଂସାର ବିହୀନ ହେବାକୁ ପ୍ରେରିତ କରେ ତେବେ ବୁଝିନେବାକୁ ହେବ ଯେ, ବ୍ୟକ୍ତିର ଜୀବନ ଧ୍ୟାନ ଉପରେ ରହିଛି । ଧ୍ୟାନର ତାତ୍ପର୍ଯ୍ୟ ଧନ, ପଦ ଓ ପ୍ରସିଦ୍ଧି ପ୍ରଭୃତି ଆକର୍ଷଣ ପ୍ରତି ସ୍ଥିର ହେବା ନୁହେଁ । ବରଂ ଧ୍ୟାନ ବ୍ୟକ୍ତିକୁ ଜୀବନସାରା ଭଲ ଆଚରଣ କରିବାକୁ ଶକ୍ତି ଦେଇଥାଏ । ଯାହା ଦ୍ୱାରା ବିକାରର ନିଶା ହୋଇଥାଏ । ଧ୍ୟାନର ଗମ୍ଭୀରତା ବ୍ୟକ୍ତିର ଚାରିକଡେ ସକାରାତ୍ମକ ପରିସ୍ଥିତିର ନିର୍ମାଣ କରିଥାଏ । ଏଥିରେ ବ୍ୟକ୍ତିକୁ କେବଳ କ୍ରୋଧ, ଲୋଭ ଓ ମୋହର ବନ୍ଧନରୁ ମୁକ୍ତି ମିଳିନଥାଏ ବରଂ ଆମେ ଆମ ଭିତରେ ଏକ ସକାରାତ୍ମକ ଶକ୍ତି ସଞ୍ଚାରର ଅନୁଭବ କରିଥାଉ । ଆମର ଧ୍ୟାନ ଯେଉଁଠାରେ ବି ଥାଉ ଏହା ସହ ସମ୍ବନ୍ଧିତ ସୃଜନ ପ୍ରାରମ୍ଭ ହୋଇଯାଇଥାଏ । ଯଦି ଆମର ଧ୍ୟାନ ନକାରାତ୍ମକ ରହିଛି ତେବେ ଆମ ଭିତରେ ନକାରାତ୍ମକ ଶକ୍ତିର ନିର୍ମାଣ ହୋଇଥାଏ । ଯଦି ଧ୍ୟାନ ସକାରାତ୍ମକ ଅବସ୍ଥାରେ ରହିଛି ତେବେ ସକାରାତ୍ମକ ଶକ୍ତିର ସୃଜନ ହୋଇଥାଏ ।



# ବ୍ୟବସାୟିକ ଏକାଧିକାର ଓ ପୃଷ୍ଠପୋଷକତା



ଡକ୍ଟର ରବୀନ୍ଦ୍ର କୁମାର ପ୍ରହରାଜ

ଆମେ ଜାଣୁ, ଆବଶ୍ୟକତା ଉଦ୍‌ଭାବନାର ଜନନୀ । ମାତ୍ର ଏହାର ଜନକତ୍ୱ ଅନେକ ସମୟରେ ବିବଦୀୟ ହୋଇ ଯାଇଥିବା ବିଷୟରେ ଆମେ ପ୍ରାୟ ଅବଗତ ହୋଇନାହୁଁ । ଏକାନ୍ତ ଜଣାଶୁଣା ନିର୍ଦ୍ଦିଷ୍ଟ ଉଦ୍‌ଭାବନ ଯେଉଁମାନଙ୍କ ନାମ ସହିତ ଜଡ଼ିତ ଅଛି, ସେମାନଙ୍କ ମଧ୍ୟରୁ ଅନେକେ ଏ କୃତିତ୍ୱର ହକ୍‌ଦାର ନୁହନ୍ତି ।

ବହୁ ଉଦ୍‌ଭାବକ ବହୁମୂଲ୍ୟ ଦେଇ ଏହା ଜାଣିବାକୁ ପାଇଛନ୍ତି ଯେ, ପ୍ରତିଯୋଗିତା ସର୍ବସ୍ୱ ବାଣିଜ୍ୟ ଜଗତରେ ସ୍ୱତନ୍ତ୍ର ଗୁଣ ବା ସାମର୍ଥ୍ୟ ତଥା ମୌଳିକତା ଲାଗି କୌଣସି ପ୍ରେରଣା ବା ପ୍ରୋତ୍ସାହନ ନାହିଁ । ଦେଖାଯାଇଛି, ଅନେକ ସମୟରେ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍‌ଭାବନ ପରିଲକ୍ଷିତ ହେଲେ ଏହି ନବୀନ ବସ୍ତୁର ବିକ୍ରୟ ଏକାଧିକାର ନିଜ ନାମରେ ହାସଲ କରିବା ସଙ୍ଗେ ସଙ୍ଗେ ଉତ୍ପାଦନ ଲାଗି ପୃଷ୍ଠପୋଷକତା ଲାଭ କରିବା ଉଦ୍ୟମ ଆରମ୍ଭ ହୋଇଯାଏ । ଜଣେ ଉଦ୍‌ଭାବକଙ୍କ ଉତ୍ପାଦନକୁ ଆପଣେଇ ସେଥିରେ ଉନ୍ନତି ଆଣିବା ସହିତ ନୂତନ ଏକାଧିକାର ପାଇବା କ୍ଷେତ୍ରରେ ଆମେରିକୀୟ ନିୟମର ଶକ୍ତିହୀନତା ଯୋଗୁଁ ପ୍ରକୃତ ବ୍ୟକ୍ତି ଅଜ୍ଞାତ ରହିଯାଆନ୍ତି ।

ଏ ସମ୍ପର୍କୀୟ କେତେକ ଦୃଷ୍ଟାନ୍ତ ଲକ୍ଷଣୀୟ । ପ୍ରଥମ କାର୍ ରାସ୍ତାକୁ ଆସିବାର ଚାଳିଶ ବର୍ଷ ପୂର୍ବରୁ ୧୮୪୫ରେ ରବର୍ଟ ଉଇଲିୟମ୍ ଥମ୍‌ସନ୍ ନାମକ ବ୍ୟକ୍ତି ବାୟୁପୂର୍ଣ୍ଣ ଟାୟାର୍‌ର ବ୍ରିଟିଶ୍ ବିକ୍ରୟ ଏକାଧିକାର ପ୍ରାପ୍ତ ହୋଇଥିଲେ । ମାତ୍ର ସେ ତାଙ୍କ ସମୟଠାରୁ ବହୁ ଦୂର ଅଗ୍ରସର ହୋଇଯାଇଥିଲେ । ସେତେବେଳେ ସାଇକଲ ବା ମୋଟର ସାଇକଲରେ ନିହାତି ଅଖାଡୁଆ ଟାୟାର୍ ବ୍ୟବହୃତ ହେଉଥିଲା, ସେଥିଯୋଗୁଁ ମୋଟର ଯାନର ବ୍ୟବହାର ବ୍ୟାପକ ହେବା ପର୍ଯ୍ୟନ୍ତ ତାଙ୍କର ଉଦ୍‌ଭାବନର ଚାହିଦା ରହି ନଥିଲା । ପରିଶେଷରେ ଏଥିରୁ ଯେଉଁ ବ୍ୟକ୍ତି ଲାଭବାନ ହେଲେ ସେ ଥମ୍‌ସନ୍ ନ ଥିଲେ, ଜନ୍ ବଏଡ୍ ଡନଲପ୍ । ଡନ୍‌ଲପ୍ ୧୮୮୮ରେ ଥମସନ୍ ଉଦ୍‌ଭାବିତ ଟାୟାର୍‌ରେ ପରିମାର୍ଜନ ଆଣି ବିକ୍ରୟଗତ ଏକାଧିକାର ହାସଲ କଲେ । ଥମ୍‌ସନ୍‌ଙ୍କ ବାୟୁପୂର୍ଣ୍ଣ ଟାୟାର ଭିତରେ ସେ ଏକ ରବର ଟ୍ୟୁବ୍ ପୂରାଇ ତା' ଉପରେ ଦୀର୍ଘସ୍ଥାୟୀ ବାହ୍ୟ ଆବରଣଟିଏ ଖଞ୍ଜି ଦେଇଥିଲେ ।

ଗୃହ ପରିଷ୍କରଣରେ ବ୍ୟବହୃତ ଧୂଳି ଶୋଷକ ଯନ୍ତ୍ର (ଭାକ୍ୟୁମ୍ କ୍ଲିନର୍)ର ବ୍ୟବହାରକୁ ଅଳ୍ପ କିଛି ଲୋକ ହୁଭରୀୟ କାରବାର ବୋଲି କହିଥାଆନ୍ତି । କିନ୍ତୁ ଉଇଲିୟମ୍ ଏଚ୍. ହୁଭର୍ ଭାକ୍ୟୁମ୍ କ୍ଲିନରର ଉଦ୍‌ଭାବକ ନୁହନ୍ତି । ସେ ସହଜ ବହନକ୍ଷମ ଏକ ବୈଦ୍ୟୁତିକ ପରିଷ୍କରଣ ଯନ୍ତ୍ରର ଉପାଦେୟତା ଲକ୍ଷ୍ୟ କରି ତାକୁ ନେଇ

*ସର୍ବସ୍ୱ ବାଣିଜ୍ୟ ଜଗତରେ ସ୍ୱତନ୍ତ୍ର ଗୁଣ ବା ସାମର୍ଥ୍ୟ ତଥା ମୌଳିକତା ଲାଗି କୌଣସି ପ୍ରେରଣା ବା ପ୍ରୋତ୍ସାହନ ନାହିଁ । ଦେଖାଯାଇଛି, ଅନେକ ସମୟରେ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍‌ଭାବନ ପରିଲକ୍ଷିତ ହେଲେ ଏହି ନବୀନ ବସ୍ତୁର ବିକ୍ରୟ ଏକାଧିକାର ନିଜ ନାମରେ ହାସଲ କରିବା ସଙ୍ଗେ ସଙ୍ଗେ ଉତ୍ପାଦନ ଲାଗି ପୃଷ୍ଠପୋଷକତା ଲାଭ କରିବା ଉଦ୍ୟମ ଆରମ୍ଭ ହୋଇଯାଏ । ଜଣେ ଉଦ୍‌ଭାବକଙ୍କ ଉତ୍ପାଦନକୁ ଆପଣେଇ ସେଥିରେ ଉନ୍ନତି ଆଣିବା ସହିତ ନୂତନ ଏକାଧିକାର ପାଇବା କ୍ଷେତ୍ରରେ ଆମେରିକୀୟ ନିୟମର ଶକ୍ତିହୀନତା ଯୋଗୁଁ ପ୍ରକୃତ ବ୍ୟକ୍ତି ଅଜ୍ଞାତ ରହିଯାଆନ୍ତି । ଏ ସମ୍ପର୍କୀୟ କେତେକ ଦୃଷ୍ଟାନ୍ତ ଲକ୍ଷଣୀୟ । ପ୍ରଥମ କାର୍ ରାସ୍ତାକୁ ଆସିବାର ଚାଳିଶ ବର୍ଷ ପୂର୍ବରୁ ୧୮୪୫ରେ ରବର୍ଟ ଉଇଲିୟମ୍ ଥମ୍‌ସନ୍ ନାମକ ବ୍ୟକ୍ତି ବାୟୁପୂର୍ଣ୍ଣ ଟାୟାର୍‌ର ବ୍ରିଟିଶ୍ ବିକ୍ରୟ ଏକାଧିକାର ପ୍ରାପ୍ତ ହୋଇଥିଲେ । ମାତ୍ର ସେ ତାଙ୍କ ସମୟଠାରୁ ବହୁ ଦୂର ଅଗ୍ରସର ହୋଇଯାଇଥିଲେ । ସେତେବେଳେ ସାଇକଲ ବା ମୋଟର ସାଇକଲରେ ନିହାତି ଅଖାଡୁଆ ଟାୟାର୍ ବ୍ୟବହୃତ ହେଉଥିଲା, ସେଥିଯୋଗୁଁ ମୋଟର ଯାନର ବ୍ୟବହାର ବ୍ୟାପକ ହେବା ପର୍ଯ୍ୟନ୍ତ ତାଙ୍କର ଉଦ୍‌ଭାବନର ଚାହିଦା ରହି ନଥିଲା । ପରିଶେଷରେ ଏଥିରୁ ଯେଉଁ ବ୍ୟକ୍ତି ଲାଭବାନ ହେଲେ ସେ ଥମ୍‌ସନ୍ ନ ଥିଲେ, ଜନ୍ ବଏଡ୍ ଡନଲପ୍ । ଡନ୍‌ଲପ୍ ୧୮୮୮ରେ ଥମସନ୍ ଉଦ୍‌ଭାବିତ ଟାୟାର୍‌ରେ ପରିମାର୍ଜନ ଆଣି ବିକ୍ରୟଗତ ଏକାଧିକାର ହାସଲ କଲେ ।*

ଗୋଟାଏ ପୃଥିବୀ ପ୍ରସିଦ୍ଧ କମ୍ପାନୀ ଠିଆ କରିଥିଲେ ୧୮୬୯ରେ ଇଭ୍ସ୍ ମ୍ୟାକ୍ ଗାଫେ ଗାଲିଚା ଓ କମ୍ବଳରୁ ମଇଳା ଝାଡ଼ିବା ଯନ୍ତ୍ରଟିକୁ ପେଟେଣ୍ଟ କରିଥିଲେ । ୧୯୦୧ରେ ହ୍ୟୁବର୍ଟ୍ ସେସିଲ୍ ବୁଥ୍ ଏକାଧରଣର ଉତ୍ପାଦର ବ୍ରିଟିଶ୍ ପେଟେଣ୍ଟ୍ ହାସଲ କରିଥିଲେ । ଏହାପରେ ୧୯୦୭ରେ ଓହିଓର ବିଭାଗୀୟ ଷ୍ଟୋର୍‌ରେ ଝାଡୁଦାର କାମ କରୁଥିବା ଜେମ୍ସ୍ ମୁରେ ପାଙ୍ଗଲର୍ ପ୍ରତାରଣା ମୂଳକ କୌଶଳ ପ୍ରୟୋଗ କରି ଗୋଟାଏ ପୁରୁଣା ସିଲେଇ ମେସିନ୍‌ର ମୋଟରକୁ ସାବୁନ ବାକ୍ସ ସହ ଯୋଡ଼ି ତାକୁ ଝାଡୁ ବେଣ୍ଟରେ ଛନ୍ଦି ଦେଇ ସେଥିରେ ତକିଆ ଖୋଳଟିଏ ପଶ୍ଚାତ୍ ଭାଗରେ ରଖି ଧୂଳି ସଂଗ୍ରହ କଲେ । ଏଥିରେ ଚମଡ଼ା ବ୍ୟବସାୟୀ ଏଭଳି ପ୍ରଭାବିତ ହୋଇଗଲେ ଯେ ଏହାର ପେଟେଣ୍ଟକୁ ସେ କିଣି ପକାଇଲେ । ସ୍ପାଙ୍ଗଲର୍‌ଙ୍କୁ ତାଙ୍କର ସୁପରିଣ୍ଟେଣ୍ଡେଣ୍ଟ୍ କରିଦେଇ ସେ ଏ ମେସିନ୍‌କୁ ଯୁକ୍ତରାଷ୍ଟ୍ରର ଖୁଚୁରା ବଜାରକୁ ଛାଡ଼ି ଦେଲେ । ୧୯୨୨ରେ ନିଜ ନାମରେ ସେ ଇଲେକ୍ଟ୍ରିକ୍ ସକ୍‌ସନ୍ ସୁଇପିଂ କମ୍ପାନୀକୁ ନବୀକରଣ କଲେ ।

୧୮୩୯ରେ ଫଟୋଗ୍ରାଫିର ପ୍ରଥମ ଉଦ୍‌ଭାବକ ଭାବରେ ଲୁଇ ଦାଗୁଏରୀ ସ୍ୱୀକୃତି ଲାଭ କରିଥିଲେ ହେଁ ପ୍ରକୃତରେ ସେ ଏହାର ପ୍ରସ୍ତୁତିରେ ପ୍ରଥମ ନ ଥିଲେ, ଥିଲେ ବ୍ରାଜିଲ୍‌ରେ ରହୁଥିବା ଫ୍ରାନ୍ସଜାତ ଲୁଇ ଫ୍ଲରେନ୍ସ । ସେ ଛଅ ବର୍ଷ ପୂର୍ବରୁ କାର୍ଯ୍ୟକ୍ଷମ କ୍ୟାମେରା ବ୍ୟବହାର କରୁଥିଲେ । ଛବିକୁ ବା ପ୍ରତିକୃତିକୁ କିଭଳି ନିର୍ଦ୍ଦିଷ୍ଟ ଭାବରେ ସ୍ଥାପନ କରାଯିବ, ଏ ବିଷୟ ଅନେକ ବର୍ଷ ପର୍ଯ୍ୟନ୍ତ ଡାଗୁଏରୀଙ୍କ ମୁଣ୍ଡରେ ପଶି ନ ଥିଲା । ଫ୍ଲରେନ୍ସ ତାଙ୍କ ଛବିମାନଙ୍କୁ ଫଟୋଗ୍ରାଫ୍ ବୋଲି କହିଥିଲେ ବି ତାହା ଇଉରୋପରେ ଦର୍ଶାଯାଇ ନ ଥିଲା । ଫଳରେ ପ୍ରସ୍ତୁତ ବଜାରରେ ତାଙ୍କର କିଛି ପ୍ରଚାର ନ ଥିଲା । ତେଣୁ ଯେଉଁ ପ୍ରଥମ ଚିତ୍ରର ଅନାବରଣ ଘଟିଲା ତାହା ଡାଗୁଏରୀ କିସମ ବୋଲି ଜନସାଧାରଣରେ ପରିଚିତି ଲାଭ କଲା ।

ଅଧୁନା ସାଧାରଣରେ ଧାରଣା ବଳବତ୍ତର ଯେ ଟେଲିଫୋନ୍ ଉଦ୍‌ଭାବନ କରିଥିଲେ ଆଲେକ୍‌ଜାଣ୍ଡର ଗ୍ରାହମ୍ ବେଲ୍ କିନ୍ତୁ ତାହା ତଥ୍ୟ ଭିତ୍ତିକ ନୁହେଁ । ଗ୍ରାହମ୍ ବେଲ୍ ଏ ଦିଗରେ ୧୮୭୫ରେ ଏକ ଗୁରୁତ୍ୱ ସମ୍ପନ୍ନ କୃତିତ୍ୱ ହାସଲ କରି ମାର୍ଚ୍ଚ ୭, ୧୮୭୬ରେ ଯୁକ୍ତରାଷ୍ଟ୍ରର ପେଟେଣ୍ଟ ପ୍ରାପ୍ତ ହେଲେ । ଏହାର ତିନିଦିନ ପରେ ସେ ଟେଲିଫୋନ୍ ମାଧ୍ୟମରେ ସର୍ବପ୍ରଥମେ ବାର୍ତ୍ତା ପ୍ରେରଣ କଲେ ।

କିନ୍ତୁ ୧୮୫୭ ବେଳକୁ ଜନୈକ ଇଟାଲୀ–ଆମେରିକୀୟ ଆଣ୍ଟୋନିଓ ମିଉକି ବିଦ୍ୟୁତ୍ ଶକ୍ତି ସାହାଯ୍ୟରେ ବକ୍ତୃତାର ସ୍ଥାନାନ୍ତର ପ୍ରେରଣ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିଥିଲେ ।

ଟେଲିସ୍କୋପ୍ (ଦୂରବୀକ୍ଷଣ ଯନ୍ତ୍ର) କିଏ ପ୍ରଥମେ ଉଦ୍‌ଭାବନ କରିଥିଲେ ତାହା କାହାରିକୁ ଠିକଣା ଭାବରେ ଜଣା ନାହିଁ । ତେବେ ସାଧାରଣରେ ଏ ଧାରଣା ବଦ୍ଧମୂଳ ହୋଇଯାଇଛି ଯେ ଇଟାଲୀୟ ବୈଜ୍ଞାନିକ ଗାଲିଲିଓ ଗାଲିଲେଇ ଏହା ପ୍ରଥମେ ନିର୍ମାଣ କରିଥିଲେ । ପ୍ରକୃତ ତଥ୍ୟଟି ହେଉଛି ହଲାଣ୍ଡର ମିଡ଼ିଲବର୍ଗର ଜନୈକ ଚଷମା କରୁଥିବା ବ୍ୟକ୍ତି ହାନ୍ସ୍ ଲିପର୍‌ଶେ ଏହି ଦୂରବୀକ୍ଷଣର ବ୍ୟବହାରିକ ଉପଯୋଗିତା ପ୍ରଥମେ ଦର୍ଶାଇଥିଲେ । ୧୬୦୮ରେ ସେ ଏଥିପାଇଁ ହଲାଣ୍ଡର, ପେଟେଣ୍ଟ ଚଳାଇବାକୁ ଆବେଦନ କରିଥିଲେ ହେଁ ସେଇଟି ଅଗ୍ରାହ୍ୟ ହୋଇଯାଇଥିଲା । କାରଣ ସେ ଯେଉଁ କାର୍ଯ୍ୟକାରୀ ଯନ୍ତ୍ର ଦର୍ଶାଇଥିଲେ ତାହାକୁ ସହଜରେ ଯୋଡ଼ାଯୋଡ଼ି କରାଯାଇ ପାରୁଥିବାରୁ ତାହାକୁ ଏକ ମୌଳିକ ଉଦ୍‌ଭାବନ ବୋଲି ଗ୍ରହଣ କରାଯଇ ନ ଥିଲା । ଇଟାଲୀରେ ଯେମିତି ସମ୍ବାଦ ପହଞ୍ଚିଲା ଯେ ଏ ଲୋକ ତା ଉତ୍ପାଦକୁ ବିକ୍ରି କରିବା ପାଇଁ ଭେନିସ୍‌ରେ ଆସି ପହଞ୍ଚିଲାଣି ଗାଲିଲିଓ ଯଥାସମ୍ଭବ ଶୀଘ୍ର ନିଜର ଟେଲିସ୍କୋପ୍ ନିର୍ମାଣ କରି ଆର୍ଥିକ ଲାଭ ଉଠାଇବାରେ ଲାଗିଲେ । ଏଥିସହିତ ତାଙ୍କର ନାମ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ପର୍ଯ୍ୟବେକ୍ଷଣ ଓ ଗବେଷଣା କ୍ଷେତ୍ରରେ ଇତିହାସରେ ଲିପିବଦ୍ଧ ହୋଇଗଲା ।

**୧୯ ସି, ଜୟଦୁର୍ଗାନଗର,**
**ଭୁବନେଶ୍ୱର**
**ମୋ–୯୪୩୯୪୬୪୦୪୭**

# ଋଷି ସୌଭରିଙ୍କ ଆକର୍ଷଣ

ଚରଣେ ଶରଣ



ଡ. ଅଭୟ କୁମାର ନାୟକ

ଅତିବଡ଼ୀ ଜଗନ୍ନାଥ ଦାସ ତାଙ୍କ ରଚିତ ଓଡ଼ିଆ ଭାଗବତର ନବମ ସ୍କନ୍ଧରେ ବଂଶାନୁଚରିତ ବର୍ଣ୍ଣନା କରିଛନ୍ତି । ଏହି କ୍ରମରେ ବିଭିନ୍ନ ରାଜାଙ୍କ ବଂଶ କଥା ବର୍ଣ୍ଣନା କରି ପହଞ୍ଚିଛନ୍ତି ରାଜା ମାନ୍ଧାତାଙ୍କ ପାଖରେ । ରାଜା ମାନ୍ଧାତା ଥିଲେ ରାଜା ଯୁବାନାଶ୍ୱଙ୍କ ପୁତ୍ର, ଯାହାଙ୍କ ଜନ୍ମବୃତ୍ତାନ୍ତ ଥିଲା ଅତ୍ୟନ୍ତ ବିସ୍ମୟକର । ରାଜା ଯୁବନାଶ୍ୱ ସ୍ୱୟଂ ମାନ୍ଧାତାଙ୍କୁ ଗର୍ଭରେ ଧାରଣ କରି ଶେଷରେ ଜନ୍ମ ହେଲେ । ଯୁବନାଶ୍ୱ ଶତପତ୍ନୀଙ୍କ ଗର୍ଭରୁ କୌଣସି ପୁତ୍ର ସନ୍ତାନ ଜନ୍ମ ନହେବାରୁ ସେମାନେ ତପୋନିଷ୍ଠ ଋଷିଙ୍କ ଆଶ୍ରୟରେ ରହିଲେ ଏବଂ ଯଜ୍ଞର ଆୟୋଜନ କଲେ । ପୁତ୍ରେଷ୍ଟି ଯଜ୍ଞ ପାଇଁ ରଖାଯାଇଥିବା ମନ୍ତ୍ରିତ ଜଳକୁ ମୃଗୟାରୁ ଫେରି ରାତି ଅଧରେ ପାନ କଲେ ରାଜା ଯୁବନାଶ୍ୱ । ଫଳରେ ରାଜା ନିଜେ ଗର୍ଭଧାରଣ କଲେ ଏବଂ ମାନ୍ଧାତାଙ୍କୁ ଜନ୍ମ ଦେଲେ । ରାଜାଙ୍କଠାରୁ ଜନ୍ମ ସିନା ହେଲେ ନବଜାତକ ଶିଶୁଟିକୁ କ୍ଷୀର ଦେବାପାଇଁ କୌଣସି ଉପାୟ ନ ଥିଲା ରାଜାଙ୍କ ପାଖରେ । ଏପରି ପରିସ୍ଥିତିରେ ଶ୍ରୀବିଷ୍ଣୁଙ୍କ ନିର୍ଦ୍ଦେଶରେ ରାଜା ଇନ୍ଦ୍ର ନବଜାତକଟିର ମୁଖରେ ତାଙ୍କ ହସ୍ତ ଅଙ୍ଗୁଳି ଦେଇ କ୍ଷୁଧା ନିବାରଣ କରାଇଲେ । ସେହିଦିନଠାରୁ ରାଜା ଇନ୍ଦ୍ର ହେଲେ ମାନ୍ଧାତାଙ୍କ ପାଇଁ ଧାଈ । ଇନ୍ଦ୍ରଙ୍କ ଲାଳନ ପାଳନରେ ବଳବନ୍ତ ହୁଅନ୍ତେ ଶିଶୁଟିର ନାଁ ରହିଲା ମାନ୍ଧାତା । ଇନ୍ଦ୍ର ଆଶୀର୍ବାଦ ତଥା ବର ଦେଲେ ତୁମେ ଚକ୍ରବର୍ତ୍ତୀ ରାଜା ହୋଇ ଏ ସପ୍ତଦ୍ୱୀପ ମହିକୁ ପାଳନ କର ।

ତାହାହିଁ ହେଲା । ରାଜା ମାନ୍ଧାତା ହେଲେ ସପ୍ତଦ୍ୱୀପର ଚକ୍ରବର୍ତ୍ତୀ ରାଜା । ଶ୍ରୀବିଷ୍ଣୁଙ୍କ ତେଜରେ ତେଜିୟାନ୍ ଯୁବନାଶ୍ୱ ବଳା ମାନ୍ଧାତା କରଦ ରାଜା ତଥା ପ୍ରଜାମାନଙ୍କର ମନ ମୋହି ନେଲେ । ରାଜା ମାନ୍ଧାତା ଯଜ୍ଞରେ ଶ୍ରୀହରିଙ୍କୁ ତୋଷ କରନ୍ତେ, ସୂର୍ଯ୍ୟ ତେଜ, ଚନ୍ଦ୍ରଙ୍କ କୋମଳତା ତାଙ୍କ ଆଚରଣରେ ପ୍ରତିଫଳିତ ହେଲା । ସର୍ବଗୁଣ ସମ୍ପନ୍ନ ରାଜା ମାନ୍ଧାତା ସ୍ୱୟମ୍ବରରେ ତିନି ରାଜା ଶଶବିନ୍ଦୁଙ୍କ କନ୍ୟା ଇନ୍ଦୁମତୀଙ୍କ ପାଣି ଗ୍ରହଣ କଲେ, ଅର୍ଥାତ୍ ରାଜକନ୍ୟା ଇନ୍ଦୁମତୀ ଚକ୍ରବର୍ତ୍ତୀ ରାଜା ମାନ୍ଧାତାଙ୍କୁ ପତି ରୂପେ ଗ୍ରହଣ କଲେ ।

ଇନ୍ଦୁମତୀଙ୍କ ଗର୍ଭରୁ ଏବଂ ରାଜା ମାନ୍ଧାତାଙ୍କ ଔରସରୁ ଜନ୍ମ ନେଲେ ତିନି ପୁତ୍ର ଏବଂ ପଚାଶ କନ୍ୟା । ତିନିପୁଅଙ୍କର ନାମ ହେଲା– ପୁରୁକୁତ୍ସ, ଅମ୍ବରିଷ ଏବଂ ମୁଚୁକୁନ୍ଦ । ଏମାନେ ସମସ୍ତେ ଶ୍ରୀବିଷ୍ଣୁଙ୍କ ତେଜରେ ତେଜିୟାନ ହେଲେ । ପଚାଶ କନ୍ୟା ଜାତ ହୁଅନ୍ତେ ବିଚାରବନ୍ତ ମାନ୍ଧାତା ବିଚଳିତ ନ ଥିଲେ କାରଣ ସେ ପରଂବ୍ରହ୍ମ ଶ୍ରୀବିଷ୍ଣୁଙ୍କ ପ୍ରତି ଥିଲେ ସମର୍ପିତ । ବିବାହ ବୟସ ଉପନୀତ ହୁଅନ୍ତେ ସେମାନଙ୍କୁ ବିବାହ ଦେବାକୁ ଚିନ୍ତା କରୁଥିଲା ବେଳେ ଉପସ୍ଥିତ ହେଲେ ଋଷି ସୌଭରି ଏବଂ ମାଗିଲେ ଏକ କନ୍ୟାର ହାତ ଯାହାଙ୍କୁ ନେଇ ସେ ସଂସାର କରିବେ ।

ଋଷି ସୌଭରିଙ୍କ ଏହି ପ୍ରସ୍ତାବରେ ବ୍ୟଥିତ ହେଉଥିଲେ ହେଁ ରାଜା ମାନ୍ଧାତା ତାହା ପ୍ରକାଶ କଲେ ନାହିଁ । ତାଙ୍କ ବ୍ୟଥିତ ହେବାର କାରଣ ଥିଲା ଯେ ଋଷି ସୌଭରି ହେଲେ ବୃଦ୍ଧ ଆଉ ତାଙ୍କର କନ୍ୟାଗଣ ଥିଲେ ନବଯୌବନା ।

ପ୍ରଶ୍ନଉଠେ ଏହି ବୃଦ୍ଧ ବୟସରେ ଜଣେ ତପୋନିଷ୍ଠ ସନ୍ନ୍ୟାସୀ ବା ଋଷି କାହିଁକି ମନ ବଳାଇଲେ ସଂସାର କରିବାକୁ । ଉତ୍ତରଟି ଏହିପରି– ଋଷି ସୌଭରି ବୃନ୍ଦାବନରେ, କାଳନ୍ଦୀ ନଦୀ ତଟରେ ବସି ତପସ୍ୟା କରୁଥାନ୍ତି । ନିଶ୍ଚଳ ଅବସ୍ଥା, ଶାନ୍ତ ଅବସ୍ଥା–ଧ୍ୟାନସ୍ଥ ଋଷି ସୌଭରି । କିଛି କାଳ ଅତିବାହିତ ହୁଅନ୍ତେ ସମାଧିସ୍ଥ ଅବସ୍ଥାରୁ ଫେରିଲେ ଋଷି ସୌଭରି । ଧ୍ୟାନ ସମାପ୍ତ ହୁଅନ୍ତେ ଋଷି ଚାଲିଲେ କାଳନ୍ଦୀ ନଦୀ ତଟକୁ । ସେଇଠୁ ସେ ଦେଖୁଛନ୍ତି ନଦୀ ଭିତରେ ରୋହି ମାଛଟିଏ ତା'ର ପିଲା–କୁଟୁମ୍ବଙ୍କୁ ନେଇ, ଲାଞ୍ଜ ହଲେଇ ବିଭିନ୍ନ କ୍ରୀଡ଼ାରେ ମଜ୍ଜିଯାଇଛି । ଏହି ଦୃଶ୍ୟଟି ଋଷି ପ୍ରତ୍ୟହ ଦର୍ଶନ କଲେ, ଯେତେବେଳେ ସେ ନଦୀକୁ ଗଲେ । ଋଷି ଏହା ଦେଖି ଭାବୁଛନ୍ତି–

ଦେଖ ଏ ରୋହିତର ଭାଗ୍ୟ ।
କୁଟୁମ୍ବ ମଧ୍ୟେ ସୁଖ ଭୋଗ ॥
ମୁଁ ଏବେ କରି ଗୃହାଶ୍ରମ ।
ସାଧିଇ ଘୃହମେଧି ଧର୍ମ ॥

ଋଷି ସୌଭରିଙ୍କ ଠାରେ ଦେଖାଦେଲା ପ୍ରତିକ୍ରିୟା । ରୋହିତର ପରିବାରକୁ ଦେଖି ତାଙ୍କ ମନରେ ଜାଗିଲା ସଂସାର ଲାଳସା । ଏମିତି ଚିନ୍ତା କରି ତପାଚରଣ ଛାଡ଼ି ଗୃହ କରଣରେ ମନ ନିବେଶ କରି ଧାଇଁଲେ ରାଜବାଟୀକୁ – ଉଦ୍ଦେଶ୍ୟ ବିବାହ କରିବେ ରାଜକନ୍ୟାକୁ ।

ଋଷି ସୌଭରି ବୃନ୍ଦାବନରେ, କାଳନ୍ଦୀ ନଦୀ ତଟରେ ବସି ତପସ୍ୟା କରୁଥାନ୍ତି । ନିଶ୍ଚଳ ଅବସ୍ଥା, ଶାନ୍ତ ଅବସ୍ଥା–ଧ୍ୟାନସ୍ଥ ଋଷି ସୌଭରି । କିଛି କାଳ ଅତିବାହିତ ହୁଅନ୍ତେ ସମାଧିସ୍ଥ ଅବସ୍ଥାରୁ ଫେରିଲେ ଋଷି ସୌଭରି । ଧ୍ୟାନ ସମାପ୍ତ ହୁଅନ୍ତେ ଋଷି ଚାଲିଲେ କାଳନ୍ଦୀ ନଦୀ ତଟକୁ । ସେଇଠୁ ସେ ଦେଖୁଛନ୍ତି ନଦୀ ଭିତରେ ରୋହି ମାଛଟିଏ ତା'ର ପିଲା–କୁଟୁମ୍ବଙ୍କୁ ନେଇ, ଲାଞ୍ଜ ହଲେଇ ବିଭିନ୍ନ କ୍ରୀଡ଼ାରେ ମଜ୍ଜିଯାଇଛି । ଏହି ଦୃଶ୍ୟଟି ଋଷି ପ୍ରତ୍ୟହ ଦର୍ଶନ କଲେ, ଋଷି ସୌଭରିଙ୍କ ଠାରେ ଦେଖାଦେଲା ପ୍ରତିକ୍ରିୟା । ରୋହିତର ପରିବାରକୁ ଦେଖି ତାଙ୍କ ମନରେ ଜାଗିଲା ସଂସାର ଲାଳସା । ଏମିତି ଚିନ୍ତା କରି ତପାଚରଣ ଛାଡ଼ି ଗୃହ କରଣରେ ମନ ନିବେଶ କରି ଧାଇଁଲେ ରାଜବାଟୀକୁ – ଉଦ୍ଦେଶ୍ୟ ବିବାହ କରିବେ ରାଜକନ୍ୟାକୁ ।

ଋଷି ସୌଭରି ପହଞ୍ଚିଲେ ରାଜା ମାନ୍ଧାତାଙ୍କ ରାଜ ଉଆସରେ । ବୃଦ୍ଧ ଋଷି ସୌଭରିଙ୍କୁ ଦେଖି ରାଜା ଯଥାମାନ୍ୟ ଅତିଥି ସତ୍କାର କଲେ । ଦିବ୍ୟ ଆସନରେ ବସାଇ, ବିନୟ ଭାବରେ ରାଜା ଋଷିଙ୍କ ଆଗମନର କାରଣ ପଚାରିଲେ । ରାଜାଙ୍କ ମନୋଭାବକୁ ବୁଝି ତପୋନିଷ୍ଠ, ତଥା ତ୍ରିକାଳଦର୍ଶୀ ଋଷି କହୁଛନ୍ତି, ହେ ରାଜନ୍ ! ମୋର ଗୃହସ୍ଥାଶ୍ରମ କରିବାକୁ ମନ ବଳେଇଛି । ତେଣୁ ତୁମେ ମୋତେ ବିବାହ କରାଅ । ଯେହେତୁ ମୋର ସଂସାରରେ ମନ ବଳିଛି ମୋତେ ଗୋଟିଏ କନ୍ୟା ଦାନ କରି ମୋର ଇଚ୍ଛାକୁ ପୂରଣ କର । ମୋର ସନ୍ତାନ ହେଲେ ସେ ସ୍ୱଧର୍ମ ଅବଶ୍ୟ ରକ୍ଷା କରିବ ।

ଋଷିଙ୍କ ମୁଖରୁ ଏକଥା ଶୁଣି ରାଜା ମାନ୍ଧାତା ହେଲେ ଚିନ୍ତିତ – କେମିତି ସେ କନ୍ୟାମାନଙ୍କୁ କହିବେ ଏପରି ବୃଦ୍ଧ ସ୍ୱାମୀ ବରଣ କରିବା ପାଇଁ ! ଯଦି ମୋର କେହି କନ୍ୟା ଏପରି ଅତିବୃଦ୍ଧ ଋଷି ସୌଭରିଙ୍କ ବିବାହ କରେ ସେ ଦୁଃଖିନୀ ହୋଇଯିବ ନିଶ୍ଚୟ । ଏପଟେ ଋଷିଙ୍କୁ ଯଦି ସେ କନ୍ୟ ନ ଦିଅନ୍ତି ତେବେ ବ୍ରହ୍ମ ଅପରାଧ ଲାଗିବ । ଏମିତି ମନରେ ଭାବି ରାଜା ମାନ୍ଧାତା ଋଷିଙ୍କୁ ଏକ ପ୍ରସ୍ତାବ ଦେଲେ । ରାଜା କହିଲେ, ହେ ମୁନିବର ! ମୋର ପଚାଶ ଜଣ କନ୍ୟା ଅଛନ୍ତି । ଏବେ ଆପଣ କନ୍ୟାମାନଙ୍କ ଅନ୍ତଃପୁରକୁ ବିଜେ କରନ୍ତୁ । ଯେଉଁ କନ୍ୟା ଆପଣଙ୍କୁ ବର ବୋଲି ବରଣ କରିବ ମୁଁ ତାକୁ ହିଁ ଆପଣଙ୍କୁ ବିବାହ ଦେବି ।

ତପୋନିଷ୍ଠ ତଥା ଦିବ୍ୟଦ୍ରଷ୍ଟା ଋଷି ସୌଭରି ଜାଣିଗଲେ ରାଜାଙ୍କ ଉଦ୍ଦେଶ୍ୟ ଏବଂ ମନର ଭାବ । ତେବେ ରାଜା ଜାଣିନଥିଲେ ଯେ ସିଦ୍ଧ ପୁରୁଷ ତଥା ସିଦ୍ଧ ଯୋଗୀ ଋଷି ସୌଭରି କ'ଣ କରିପାରନ୍ତି ! ରାଜାଙ୍କ କଥା ଶୁଣି ଋଷି ଅନ୍ତଃପୁରକୁ ଯିବାକୁ ବାହାରନ୍ତେ ରାଜା ଦ୍ୱାରପାଳଙ୍କୁ ନିର୍ଦ୍ଦେଶ ଦେଲେ ଋଷିଙ୍କୁ ସାଙ୍ଗରେ ନେଇ କନ୍ୟାମାନଙ୍କ ଅନ୍ତଃପୁର ବୁଲାଇ ଆଣିବା ପାଇଁ ।

ଦ୍ୱାରପାଳଙ୍କ ହାତଧରି ବୃଦ୍ଧ ସୌଭରି ଋଷି ପ୍ରବେଶ କଲେ କନ୍ୟା ଅନ୍ତଃପୁରକୁ । ଋଷିଙ୍କ କଳେବରରେ ପରିବର୍ତ୍ତନ । ମହାମୋହନ ରୂପ, କନ୍ଦର୍ପର ତେଜ ଦେଖି କନ୍ୟାମାନେ ହେଲେ ବିହ୍ୱଳିତ । ଦ୍ୱାରପାଳ କହିଦେଲେ ପିତାଙ୍କ ସନ୍ଦେଶ କନ୍ୟାମାନଙ୍କୁ– ଯିଏ ଋଷି ସୌଭରିଙ୍କୁ ବରଣ କରିବା ରାଜା ତାକୁ ହିଁ ଋଷିଙ୍କ ସଙ୍ଗେ ବିବାହ ଦେବେ । ଦ୍ୱାରପାଳ ଋଷିଙ୍କ ସାଙ୍ଗରେ ଥାଇ ବି ଜାଣିପାରୁ ନାହାନ୍ତି ଋଷିଙ୍କ ଅବୟବର ପରିବର୍ତ୍ତନ ।

ଏବେ କନ୍ୟାମାନେ ଋଷି ସୌଭରିଙ୍କ ଜଗନ୍ମୋହନ ରୂପ ଏବଂ କନ୍ଦର୍ପ ତେଜ ଦେଖି ଆଖିରେ ପିଛଡ଼ା ପଡ଼ିଲା ନାହିଁ । ସମସ୍ତେ ଚାହିଁଲେ ଋଷିଙ୍କୁ ବରଣ କରି ରତିସଙ୍ଗ କରିବା ପାଇଁ । ଅନଳ ଦେଖି ଯେମିତି ପତଙ୍ଗମାନେ ଧାଇଁ ଆସନ୍ତି ଋଷି ସୌଭରିଙ୍କୁ ଦେଖି ସବୁ କନ୍ୟାଗଣ ଧାଇଁ ଆସିଲେ ତାଙ୍କୁ ବରଣ କରିବାକୁ । ଏପରି ଦୃଶ୍ୟ ଦେଖି ଦ୍ୱାରପାଳ ଯାଇ ରାଜାଙ୍କୁ ଖବର ଦେଲା ଯେ ସବୁ କନ୍ୟା ଋଷିଙ୍କୁ ବରଣ କରିଛନ୍ତି । ଦ୍ୱାରପାଳ କହୁଛନ୍ତି–

ବୋଲଇ ବିଧାତାର ମାୟା ।
କେ ଅନ୍ୟ କରିପାରେ ତାହା ॥
ଦଇବ ବଳ ଆକର୍ଷଣେ ।
ସର୍ବେ ବରିଲେ ବରପଟେ ॥

ତପୋନିଷ୍ଠ ହେଲେ ବା ସାଧନାରେ ସିଦ୍ଧି ଆସିଲେ ଆକର୍ଷଣର ଶକ୍ତି ବଢ଼ିଯାଏ । ଯାହା ଘଟିଲା ଋଷି ସୌଭରିଙ୍କ କ୍ଷେତ୍ରରେ । ଋଷିଙ୍କ ଜଗନ୍ମୋହନ ରୂପରେ ଏମିତି ଆକର୍ଷଣ ଥିଲା ଯେ ସମସ୍ତେ ତାଙ୍କୁ ବରଣ କରିବା ପାଇଁ ମନ ବଳାଇଲେ ।

ଶେଷରେ ରାଜା ମାନ୍ଧାତା ପଚାଶ କନ୍ୟାଙ୍କୁ ଋଷି ସୌଭରିଙ୍କୁ ଦାନ କଲେ । ଅନେକ ଯୌତୁକ ତଥା ଦାନ ସହ ପଚାଶ କନ୍ୟାଙ୍କୁ ବିବାହ କରି ଋଷି ସୌଭରି ବାହାରିଲେ ଆଶ୍ରମ ଅଭିମୁଖେ । ଋଷି ସୌଭରି ଏତେ ସିଦ୍ଧ ଥିଲେ ଯେ ସେ ଯେତେବେଳେ ଯାହା ଭୋଗ କରିବାକୁ ଚାହୁଁଥିଲେ ତାହା ତତ୍‌କ୍ଷଣାତ୍ ଆସି ତାଙ୍କ ସମ୍ମୁଖରେ ଉପସ୍ଥିତ ହେଉଥିଲା । ଆଶ୍ରମରେ ପଚାଶ କନ୍ୟାଙ୍କର ରହିବାର ବ୍ୟବସ୍ଥା, ସେମାନଙ୍କ ଚଳିବା ପାଇଁ ଆବଶ୍ୟକ ପଦାର୍ଥ ଋଷିଙ୍କ ଇଚ୍ଛାରେ ତତ୍‌କ୍ଷଣାତ୍ ମିଳନ୍ତେ ଋଷି ସୌଭରି ଆନନ୍ଦରେ କନ୍ୟାଗଣଙ୍କ ସହ ରତିକ୍ରୀଡ଼ାରେ ମାତିଗଲେ । ଋଷିଙ୍କ ଔରସରୁ ଜନ୍ମ ନେଲେ ଅନେକ ପୁତ୍ର କନ୍ୟା । ପୁତ୍ର, କନ୍ୟା ଏବଂ ସ୍ତ୍ରୀଙ୍କ ମେଳରେ ରହି ଭୁଲିଗଲେ ଜୀବନର ଲକ୍ଷ୍ୟ ।

ଦିନେ ଋଷି ସୌଭରି ପୁଷ୍ପିତ କାନନରେ ଭ୍ରମଣ କରୁଛନ୍ତି । ତାଙ୍କ ମନରେ ଭାବନା ଆସିଲା– ମୁଁ କ'ଣ ପାଇଁ ତପାଚରଣ କରିଥିଲି, ଅଥଚ କ'ଣ କରୁଛି । ମନରେ ବୈରାଗ୍ୟ ଉପୁଜନ୍ତେ ପୁନଶ୍ଚ ସେହି ମୋକ୍ଷ ପାଇବା ଉଦ୍ଦେଶ୍ୟରେ ବନାଞ୍ଚଳକୁ ଗମନ କଲେ । ଋଷି ମନେ ମନେ ଭାବୁଛନ୍ତି, ଗୋଟିଏ ମାତ୍ର ମାୟା ଦୃଶ୍ୟ ମୋତେ ସାଧନା ପଥରୁ ବିଚ୍ୟୁତ କଲା । ରୋହିତ କୁଟୁମ୍ବଙ୍କ ସହ ପାଣିରେ ଆନନ୍ଦରେ ଖେଳୁଥିବାର ଦୃଶ୍ୟ ମାୟାଗ୍ରସ୍ତ କଲା ତପୋନିଷ୍ଠ ଋଷି ସୌଭରିଙ୍କୁ । ତେବେ ଏ ମାୟାର ପ୍ରଭାବ କେତେ ପ୍ରବଳ ସତେ !

ଋଷି ସୌଭରି ବନାଞ୍ଚଳରେ ଅବସ୍ଥାନ କରି ପୁନଶ୍ଚ ସାଧନାରେ ଲିପ୍ତ ହେଲେ ଏବଂ ଶେଷରେ ପରଂବ୍ରହ୍ମ ଶ୍ରୀବିଷ୍ଣୁଙ୍କ ସାନିଧ ଲାଭ କରି ମୋକ୍ଷ ପ୍ରାପ୍ତ ହେଲେ । ନିଜକୁ ସଂଯମ କରିପାରିଲେ ମାୟା ଦୂରେଇ ଯିବ ଏବଂ ମୋକ୍ଷ ଅବଶ୍ୟ ମିଳିବ । ତେଣୁ ଆସନ୍ତୁ ସଂଯମୀ ହେବା ଏବଂ ସାଧନା କରିଚାଲିବା କାଳେ ଆମକୁ ମିଳିଯିବ ମୋକ୍ଷ ।

॥ ଜୟ ଜଗନ୍ନାଥ ॥

**ଅମୃତା, ସତ୍ୟବିହାର**
**ଭୁବନେଶ୍ୱର–୮**
**ମୋ.: ୯୪୩୭୪୯୭୮୭୮**



Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikaa@yahoo.com City Office : Plot No.354, Saheed Nagar ସମ୍ପାଦକ : ଜୟାଶୀଷ ରାୟ